## ସଂକ୍ଷେପରେ

### ଅବକାରୀ ବିଭାଗ ଚଢ଼ାଉ, ୬ ଗିରଫ

ବଇଣ୍ଡା,୫।୫(ଡି.ଏନ.ଏ.)- ଆଠମଲ୍ଲିକ ଓ ହଣ୍ଡପା ଅବକାରୀ ବିଭାଗ ଗୁରୁବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳରେ ଚଢାଉ କରି ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଠାକୁରଗଡ଼ ଥାନା ସିନ୍ଦୁରଖୋଲ ଗ୍ରାମରେ ଚଢାଉ କରାଯାଇ ଯୁଧିଷ୍ଠିର ରାଉତଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ହଣ୍ଡପା ଥାନା ପାପସରା ଗ୍ରାମରେ ଚଢାଉ କରି ସୁକାନ୍ତି ପ୍ରଧାନଙ୍କ ଘରୁ ୧୦ ଲିଟର ଦେଶୀ ମହୁଲି ମଦ ସହ ୧୫୦ କେଜି ମହୁଲ ପୋଚ, ପୁରୀ ପ୍ରଧାନଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ସହ ୨୧୩୦ କେଜି ମହୁଲ ପୋଚ ଜବତ କରାଯାଇଛି। କୁଶବଣିଆସାହିର କୌଶଲ୍ୟା ଜେନାଙ୍କ ଘରୁ ୧୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। କୁଶବଣିଆ ସାହିରେ ଚଢ଼ାଉ କରାଯାଇ ବୁଲୁ କାନ୍ଧିଆ ଓ ବାବୁଲି କାନ୍ଧିଆଙ୍କ ଘରୁ ୨୦ ଲିଟର ଦେଶୀ ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ନିରୀକ୍ଷକ କୌଶଲ୍ୟା ଜେନା, ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକ ପ୍ରମୁଖ ଚଢାଉ କରିଥିଲେ।

### ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

ବଇଣ୍ଡା,୫।୫(ଡି.ଏନ.ଏ.)- କିଶୋରନଗର ବ୍ଲକରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବ୍ଲକର ନୁନୁକାପଶି, ଗାଁ ବଇଣ୍ଡା, କଣ୍ଟେଇକୋଲିଆ, ଜାମୁନାଳି, ହଣ୍ଡପା, ବିଲେଇନାଳି, କଟରଙ୍ଗା ଆଦି ପଞ୍ଚାୟତରେ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଯୋଗାଇବାରେ ଅନିୟମିତତା କରାଯାଉଥିବା ଗୁରୁବାର ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ନୁନୁକାପଶି ପଞ୍ଚାୟତ ଅଧୀନରେ ଥିବା ହିତାଧିକାରୀଙ୍କୁ ଠିକ୍ ସମୟରେ ଚାଉଳ, କିରୋସିନ ଦିଆଯାଉନାହିଁ। ପ୍ରତ୍ୟେକ ମାସରେ ୧୦ ତାରିଖ ମଧ୍ୟରେ ୮୦ ପ୍ରତିଶତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଥିବାବେଳେ ବଳକା ୨୦ ପ୍ରତିଶତଙ୍କୁ ମାସ ଶେଷରେ ଚାଉଳ ଦିଆଯାଉଛି। ଏପ୍ରିଲ ମାସରେ ୮୦ ପ୍ରତିଶତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇ ନାହିଁ। ଏପରିକି ମାସ ସରିଯାଇଥିଲେ ମଧ ଚାଉଳ ବଣ୍ଟନ କରାଯାଇ ନ ଥିବା ଯୋଗୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପ୍ରତ୍ୟେକ ମାସରେ ଡିଲରମାନେ କିରୋସିନ ଉଠାଣ କରୁଥିଲେ ମଧ ହିତାଧିକାରୀଙ୍କୁ ବଣ୍ଟନ କରାଯାଉ ନାହିଁ। ବହୁ ହିତାଧିକାରୀଙ୍କୁ କିରୋସିନ ଦିଆ ନ ଯାଇ ଟ୍ରାକ୍ଟର ମାଲିକ ଓ ଟ୍ୟାଙ୍କର ଚାଳକଙ୍କୁ ରାତିଅଧିଆ ବିକ୍ରି କରାଯାଉଥିବା ବଇଣ୍ଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଖାଉଟି ସାମଗ୍ରୀ ବଣ୍ଟନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଜିଲାପାଳ ତଦନ୍ତ କରି ପଦେକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ କିଶୋରନଗର ବ୍ଲକ ଯୋଗାଣ ଅଧିକାରୀ ନଟବର ସେନାପତି କହିଛନ୍ତି, ଗତ ମାସରେ ଚାଉଳ ଉଠାଣ ହୋଇଛି। ବିଳମ୍ବରେ ଚାଉଳ ଉଠାଣ ଯୋଗୁ ବଣ୍ଟନ ହେବାରେ ଡେରି ହୋଇଛି। ସମସ୍ତ ଡିଲରମାନଙ୍କୁ ଚାଉଳ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିରୋସିନ କଳାବଜାର ସମ୍ପର୍କରେ ତଦନ୍ତ କରାଯିବ।

# ୯ରୁ ଆଡଭାଣ୍ଟେଜ୍ ଅନୁଗୋଳ

**ଅନୁଗୋଳ ଅଫିସ,୫।୫**


ଖବରଦାତାମାନଙ୍କୁ ଜିଲାପାଳ ସୂଚନା ଦେଉଛନ୍ତି।

ଅନୁଗୋଳର ମାଟି ତଳେ ପାଖାପାଖି ୫୦ ହଜାର ୪୦୬ ମେଟ୍ରିକ ଟନ୍ କୋଇଲା ଗଚ୍ଛିତ ରହିଛି। ଶିଳ୍ପ ଓ ଶିଳ୍ପଭିତ୍ତିକ ତାଲିମ କ୍ଷେତ୍ରରେ ଜିଲା ବେଶ୍ ସମୃଦ୍ଧ। ଖଣି ଓ ଶିଳ୍ପ କ୍ଷେତ୍ରରେ ନିବେଶକଙ୍କ ପାଇଁ ଏଠାରେ ବ୍ୟାପକ ସୁଯୋଗ ରହିଛି। ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ନିବେଶକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଆଡଭାଣ୍ଟେଜ ଅନୁଗୋଳ କାର୍ଯ୍ୟକ୍ରମକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ନିବେଶକଙ୍କୁ ନିମନ୍ତ୍ରଣ କରାଯାଇଥିଲାବେଳେ ନିରନ୍ତର ପ୍ରଗତି ନେଇ ମାନସମନ୍ଥନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି।

ଅନୁଗୋଳ ଜିଲା ବଅଁରପାଳରେ ଥିବା ଆଲୁମିନିୟମ ପାର୍କରେ ଆସନ୍ତା ୯ ତାରିଖରୁ ୨ ଦିନିଆ ଆଡଭାଣ୍ଟେଜ ଅନୁଗୋଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ଆଲୁମିନିୟମ ଓ ଷ୍ଟିଲ ସମ୍ପର୍କିତ ନିବେଶ ପାଇଁ ଭିତ୍ତିଭୂମି ଓ ସୁଯୋଗ ନେଇ କାର୍ଯ୍ୟକ୍ରମ ଚାଲିବ। ଏଥିରେ ୫୦ରୁ ଅଧିକ କମ୍ପାନୀର ପ୍ରତିନିଧି ଯୋଗଦେବେ। ଦ୍ୱିତୀୟ ଦିନରେ ଖଣି ଓ ଶିଳ୍ପାଞ୍ଚଳରେ ନିରନ୍ତର ପ୍ରଗତି ନେଇ ଆଲୋଚନା କରାଯିବ। ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ଏମିତି ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଅନୁଗୋଳକୁ ଅଧିକ କମ୍ପାନୀ ଆସିବା ସହ ପୁଞ୍ଜିନିବେଶ ବଢ଼ିବାର ସମ୍ଭାବନା ରହିଛି। ଫଳରେ ଜିଲାର ପ୍ରଗତି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁଗୋଳରେ ଥିବା ଭିତ୍ତିଭୂମି ନେଇ ସେମାନଙ୍କୁ ଅବଗତ କରାଯିବ। ଜିଲାର ତାଳଚେର ଓ ଛେଣ୍ଡିପଦା ଅଞ୍ଚଳରେ ୫୦ ହଜାର ୪୦୬ ମେଟ୍ରିକ ଟନ କୋଇଲା ଗଚ୍ଛିତ ରହିଥିଲାବେଳେ ଏହା ସାରା ଦେଶକୁ କୋଇଲା ରପ୍ତାନୀ କରୁଛି। ଅନୁଗୋଳରେ ୨ଟି ଇଞ୍ଜିନିୟରିଂ କଲେଜ, ଆଇଟିଆଇ, ୪ଟି ଧନ୍ଦାମୂଳକ କେନ୍ଦ୍ର ରହିଛି। ଏଠାରୁ ପ୍ରତିବର୍ଷ ବହୁ ତାଲିମପ୍ରାପ୍ତ ଯୁବତୀଯୁବକ ବାହାରୁଛନ୍ତି।

### ଯୋଗଦେବେ ୫୦ରୁ ଅଧିକ କମ୍ପାନୀ ପ୍ରତିନିଧି

ଯୋଗାଯୋଗ ଦୃଷ୍ଟିରୁ ବି ଅନୁଗୋଳରେ ସୁବିଧା ରହିଛି। ରାଜ୍ୟର କେନ୍ଦ୍ରସ୍ଥଳରେ ଏହା ରହିଥିଲାବେଳେ ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାକୁ ଯୋଡୁଥିବା ୫୫ ନମ୍ବର ଜାତୀୟ ରାଜପଥ ଯାଇଛି। ଅନ୍ୟପକ୍ଷରେ ତାଳଚେର ଓ ରାଉରକେଲାକୁ ଯୋଡ଼ିବା ପାଇଁ ୨୩ ନମ୍ବର ଜାତୀୟ ରାଜପଥ ରହିଛି। ରେଳ ଯୋଗାଯୋଗ କ୍ଷେତ୍ରରେ ବି ଜିଲା ସମୃଦ୍ଧ। ତେଣୁ ନିବେଶକଙ୍କ ପାଇଁ ଅନୁଗୋଳ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ବାଲକ୍ରିଷ୍ଣନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ଖଣି ବିଶେଷଜ୍ଞ, ବିଭିନ୍ନ ଶିଳ୍ପାନୁଷ୍ଠାନର ମୁଖ୍ୟ, କମ୍ପାନୀ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ସମସ୍ତଙ୍କ ସହଯୋଗରେ ବିକାଶ ହେବ

**ବଇଣ୍ଡା,୫।୫(ଡି.ଏନ.ଏ.)**

ପଞ୍ଚାୟତରେ ଥିବା ଅନେକ ଗ୍ରାମ ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେ ଗୁଡିକ କିଭଳି ଲୋକଙ୍କଠାରେ ପହଞ୍ଚିବ ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ସମସ୍ତଙ୍କ ସହଯୋଗ ରହିଲେ ପଞ୍ଚାୟତ ଗୁଡିକର ବିକାଶ ହୋଇପାରିବ ବୋଲି ବୁଧବାର କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଭାଜପା ବଇଣ୍ଡା ମଣ୍ଡଳ ପକ୍ଷରୁ ପ୍ରଥମେ ନୂତନ ସରପଞ୍ଚ ରଶ୍ମିତା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପଞ୍ଚାୟତର କିଭଳି ବିକାଶ ହେବ ସେ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ମଣ୍ଡଳ ସଭାପତି ବାନାମ୍ବର ପ୍ରଧାନ, ପରମାନନ୍ଦ ସାହୁ, ବାପୁଜୀ ପ୍ରଧାନ, ମହେଶ୍ୱର ଛତ୍ରିଆ, ଯତୀନ ବିଶ୍ୱାଳ, ଯଜ୍ଞେଶ୍ୱର ପ୍ରଧାନ, ମୋହନ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଭିକାରୀ ବାରିକ, ନରହରି ପ୍ରଧାନ, ପରେଇ ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗଦେଇ ବିଭିନ୍ନ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।


ବୈଠକରେ ଉପସ୍ଥିତ ସରପଞ୍ଚଙ୍କ ସମେତ ଅନ୍ୟମାନେ।

# କଲେଜ ସମ୍ମୁଖରେ ଦହିପାଣି ବିତରଣ


ଜଳଛତ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ବ୍ଲକ ବନ୍ତଳା ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଦିବ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଦହି ପାଣି ବିତରଣ କରାଯାଇଛି। ବିଜେଡି ଯୁବନେତା ଅରୁଣାଭ ସିଂହ ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ପଞ୍ଚାୟତ ସମିତି ଅଧକ୍ଷା ରାଜଶ୍ରୀ ସାହୁ, ଜିଲା ପରିଷଦ ସଦସ୍ୟ ଧ୍ରୁବ ଚରଣ ଦେହୁରୀ, ରେବତୀ ନାଏକ, ବନ୍ତଳା ସରପଞ୍ଚ ଗୀତାଞ୍ଜଳି ସାହୁ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ, ପୋକତୁଙ୍ଗା ସରପଞ୍ଚ ସୁଜିତ ମହାଳିକ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# କଲ୍ୟାଣ ମଣ୍ଡପ ଜାଗା ଚିହ୍ନଟ

**ଖମାର,୫।୫(ଡି.ଏନ.ଏ.)**

ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖମାର ଠାରେ ନୂତନ କଲ୍ୟାଣ ମଣ୍ଡପ ପାଇଁ ଜାଗା ଚିହ୍ନଟ ଓ ବଜାରର ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଧାୟକ ମୁକେଶ କୁମାର ପାଳ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଖମାର ବଜାର ଉପରେ ଆଖପାଖ ଅଞ୍ଚଳର ୧୦୦ରୁ ଅଧିକ ଗ୍ରାମବାସୀ ନିର୍ଭର କରନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ବଜାର ଥିବାରୁ ଏଠାରେ ଗହଳି ହେଉଛି। ଏସବୁକୁ ଦୃଷ୍ଟିରେ ରଖି ଅନେକ ଆଗରୁ ବଜାରକୁ ସୌନ୍ଦର୍ଯ୍ୟକରଣ କରିବା ଓ ବଜାର ଅଞ୍ଚଳରେ ଗୋଟିଏ କଲ୍ୟାଣ ମଣ୍ଡପ କରିବା ପାଇଁ ଦାବି ହୋଇ ଆସୁଥିଲା। ଏଣୁ ବିଧାୟକଙ୍କ ଚେଷ୍ଟାରେ ଅଞ୍ଚଳରେ ଦୁଇଟି ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନିଆଯିବା ସହିତ ଜାଗା ଚିହ୍ନଟ କରାଯାଇଛି। ବିଧାୟକଙ୍କ ସହିତ ଜିଲା ବିଜେଡି ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ମନୋରଞ୍ଜନ ଥମ୍ବ, ରଞ୍ଜନ ସାହୁ, ଖମାର ପଞ୍ଚାୟତ ବିଜେଡି ସଭାପତି ପବିତ୍ର ସାହୁ, ଗଣେଶ୍ୱର ସାହୁଙ୍କ ଓ ସୁଲିଆ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିଧାୟକ ଜାଗା ଚିହ୍ନଟ କରୁଛନ୍ତି।

# ଯୁବକଙ୍କ ମୃତଦେହ ଜବତ

**ଖମାର,୫।୫(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଥାନା କୁଞ୍ଜାମ ପଞ୍ଚାୟତ ଡଙ୍ଗାମଙ୍ଗରୁ ଜଣେ ଅଚିହ୍ନା ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ବାସିନ୍ଦା ୧୦୮ ଆମ୍ବୁଲାନ୍ସ ଜରିଆରେ ଖମାର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଏ ପର୍ଯ୍ୟନ୍ତ ମେଡିକାଲରେ ପଡି ରହିଥିବାବେଳେ ପରିଚୟ ମିଳି ପାରି ନାହିଁ। ମୃତ୍ୟୁର କାରଣ ଏଯାଏ ଅସ୍ପଷ୍ଟ ରହିଛି। ଏ ବିଷୟରେ ଅଧିକ ତଥ୍ୟ ପାଇଁ ଖମାର ଥାନା ଅଧିକାରୀ ପ୍ରୀତି ମଞ୍ଜରୀ ମେଣ୍ଡୁଲି ଓ ସେକେଣ୍ଡ ଅଫିସର ବି.ବି. ଗଡ଼ନାୟକଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ଫୋନ ନ ଉଠାଇବାରୁ ମତାମତ ମିଳିପାରି ନାହିଁ।

# ଗଛ ଭାଙ୍ଗି ରାସ୍ତା ଅବରୋଧ

**ବଅଁରପାଳ,୫।୫(ଡି.ଏନ.ଏ.)**

ଅନୁଗୋଳ ଜିଲାରେ ଗୁରୁବାର କାଳବୈଶାଖୀ ଯୋଗୁ ନାଲ୍‌କୋ ନଗର ଟାଉନଶିପ୍ କଲୋନୀରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। କଲୋନୀ ଷ୍ଟାଡିୟମ ନିକଟରେ ଏକ ବିରାଟ ଗଛ ଭାଙ୍ଗି ପଡ଼ିବାରୁ ବହୁ ଟେଲିଫୋନ ଓ କେବୁଲୁ ତାର ଛିଣ୍ଡି ପଡିଥିଲା। ସେହିପରି ଚର୍ଚ୍ଚ ନିକଟ ହସ୍ପିଟାଲ, ଗିରାଙ୍ଗ ଛକ ନିକଟ ଉଦ୍ୟାନ ଆଦି ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାଇଛି। କେତେକ ସ୍ଥାନରେ ଅସ୍ଥାୟୀ ଗ୍ୟାରେଜମାନ ଭାଙ୍ଗିଯାଇଛି। ଘଟଣାସ୍ଥଳରେ ଉଦ୍ୟାନ ବିଭାଗ କର୍ମଚାରୀମାନେ ପହଞ୍ଚି ଗଛପତ୍ର କାଟି ସଫାସୁତରା କରିଥିବା ଜଣାପଡ଼ିଛି।



# ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ବଇଣ୍ଡା,୫।୫(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ଗ୍ରାମ କପିଳ ଗୋଛାୟତଙ୍କୁ ସେହି ଗ୍ରାମର ସୁଶାନ୍ତ ଗୋଛାୟତ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୧୬/୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଶାନ୍ତ ବରହମ ଗ୍ରାମରେ ଏକ ଦୋକାନ ଦେଇଥିବାବେଳେ କପିଳଙ୍କ ବାପା କିଛିଦିନ ପୂର୍ବେ ୮୦ ଟଙ୍କା ବାକି ନେଇଥିଲେ। ଉକ୍ତ ଟଙ୍କାକୁ କପିଳଙ୍କୁ ସୁଶାନ୍ତ ମାଗିଥିବାବେଳେ କପିଳ ଦେଇ ନ ଥିଲେ। ଏହାକୁ ନେଇ ସୁଶାନ୍ତ କପିଳଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୧୧୬/୨୨ରେ ଏକ ମାମଲା ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି।


ଅନୁଗୋଳରେ ଗୁରୁବାର ବର୍ଷା ପରେ ଆକାଶରେ ପଡ଼ିଥିବା ଇନ୍ଦ୍ରଧନୁ। (ଫଟୋ- ବୁବୁ)

# ଗ୍ରାମାଞ୍ଚଳରେ ହିଂସା ରୋକିବା ଉପରେ ଗୁରୁତ୍ୱ ଦିଅ

**ବଇଣ୍ଡା,୫।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ଡାକ ବଙ୍ଗଳା ପରିସରରେ ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜାତିର ପିତା ମାହାତ୍ମା ଗାନ୍ଧୀଙ୍କ ରହଣି ସ୍ମୃତି ସଭା ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ପ୍ରଥମେ ଡାକ ବଙ୍ଗଳାଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କିଭଳି ଗ୍ରାମାଞ୍ଚଳରେ ହିଂସା ରୋକାଯାଇ ପାରିବ ସେ ଉପରେ ସମସ୍ତେ ଧ୍ୟାନ ଦେଇ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ବିଧାୟକ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, କିଶୋରନଗର ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, କାଳନ୍ଦୀ ଚରଣ ପ୍ରଧାନ, ଅର୍ଜୁନ କୁମାର ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧୀ ୧୯୩୪ ମସିହାରେ ଝାରସୁଗୁଡାରୁ କଟକ ଅଭିମୁଖେ ଯାଉଥିବାବେଳେ ମେ ୫ ତାରିଖରେ ବାମୁରଠାରେ ରାତ୍ରିଯାପନ କରିବା ସହ ଲୋକଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ।


ସ୍ମୃତି ସଭାରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ପ୍ଲାଣ୍ଟ ଡ୍ରେନରେ ପଡ଼ି ଠିକା ଶ୍ରମିକ ମୃତ

**କଣିହାଁ,୫।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏକ କାରଖାନାରେ ବୁଧବାର ଜଣେ ଠିକାଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ କ୍ଷତିପୂରଣ ଦାବି ନେଇ ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ୨୪ ଘଣ୍ଟା ଧରି ମୃତକଙ୍କ ପରିବାରବର୍ଗ ସହଯୋଗୀ, ସ୍ଥାନୀୟ ଜନସାଧାରଣ ପ୍ରକଳ୍ପ ଗେଟ୍ ବନ୍ଦ କରି ଆନ୍ଦୋଳନ କରିଥିଲେ। ଅପରାହ୍ଣରେ ପୋଲିସ ପ୍ରଶାସନ, ପ୍ଲାଣ୍ଟ କର୍ତ୍ତୃପକ୍ଷ, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ଡେରଙ୍ଗ ସରପଞ୍ଚ ପ୍ରତିନିଧି ସନ୍ତୋଷ ବେହେରା, ସମିତି ସଦସ୍ୟ ସନ୍ତୋଷ ନାଏକ, ନାଏବ ସରପଞ୍ଚ ବୁଲୁ ସାହୁ, ଯୋଗେଶ୍ୱର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ହୋଇଥିଲା। ସହମତିକ୍ରମେ ମୃତକଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ନଗଦ ୫୦ ହଜାର ଟଙ୍କା ସହିତ ଅନୁକମ୍ପା ସହାୟତା ୯ ଲକ୍ଷ ୫୦ ହଜାର ଓ ପ୍ରତ୍ୟେକ ମାସରେ ପରିବାରକୁ ଭରଣପୋଷଣ ୧୫ ହଜାର ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।



ଆନ୍ଦୋଳନସ୍ଥଳରେ ଆଲୋଚନା ବେଳେ ଉପସ୍ଥିତ ମାନ୍ୟଗଣ ଓ ଅନ୍ୟମାନେ।

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ପ୍ରକାଶ ଯେ, ଠିକା ଶ୍ରମିକ ଘଣ୍ଟିଆନାଳୀ ଗ୍ରାମର ସପନା ପ୍ରଧାନ(୩୩) ପ୍ରକଳ୍ପ ଭିତରେ ଥିବା ଆଶପଣ୍ଡ ସାଇଟରେ ଏକ ଠିକାସଂସ୍ଥାରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଝଡ଼ପବନକୁ ନେଇ ବାଇକ୍ ଯୋଗେ ଆସୁଥିବାବେଳେ ପ୍ରବଳମାତ୍ରାରେ ପାଉଁଶ ଉଡ଼ିବାରୁ ରାସ୍ତାକଡ଼ରେ ଥିବା ଡ୍ରେନକୁ ବାଇକ ସହିତ ଗଳି ପଡ଼ିଥିଲେ। ପରିବାରବର୍ଗ ଖୋଜାଖୋଜି କରିବାରୁ ବୁଧବାର ରାତିରେ ଡ୍ରେନରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ କ୍ଷତିପୂରଣ ଦାବିରେ ପରିବାରବର୍ଗ ଆନ୍ଦୋଳନ କରିଥିଲେ। ଏ ନେଇ ନଂ. ୩/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# କୃଷି ବିଭାଗ କୋମାରେ

(ସୁଶାନ୍ତ ପତି)
ସାତମାଇଲ, ୫।୫

ଅକ୍ଷୟତୃତୀୟାରେ ସରିଛି ଅଖିମୁଠି ଅନୁକୂଳ। ବିହନ ବୁଣି ଚାଷ ପାଇଁ ପାଗ ଭିଡ଼ିଲେଣି ଚାଷୀ। ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ କରିଥିବା ଅନୁମାନ ସେମାନଙ୍କ ମଧ୍ୟରେ ଖେଳାଇ ଦେଇଛି ଉଲ୍ଲାସ। କରୋନା ମହାମାରୀ, ଅନାବୃଷ୍ଟି ଏବଂ ଅତିବୃଷ୍ଟି ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦୁଇବର୍ଷ ହେଲା ଚାଷକାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ ଚଳିତବର୍ଷ ଏଥିରୁ ମୁକୁଳିବାକୁ ଆଶା ବାନ୍ଧିଛି ଚାଷୀ ପରିବାର। ତେବେ କୋମାରେ ଥିବା କୃଷି ବିଭାଗ ପାଇଁ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅଞ୍ଚଳର ଚାଷୀ। ଯୋଜନାର ସଫଳ ରୂପାୟନରେ ଅଧିକାରୀଙ୍କ ଆନ୍ତରିକତା ଅଭାବ, ଫସଲ ବୀମା ଟଙ୍କା ନ ମିଳିବା ସର୍ବୋପରି ହାତରେ ଅର୍ଥ ନ ଥିବାରୁ ଖରିଫ୍ ଚାଷ କେମିତି ଆରମ୍ଭ ହେବ ତାହାକୁ ନେଇ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି ସେମାନେ।

ଢେଙ୍କାନାଳ ଜିଲାର ବୃହତ୍ତମ ବ୍ଲକ ହିନ୍ଦୋଳ ୩୫ ପଞ୍ଚାୟତକୁ ନେଇ ଗଠିତ। ବ୍ଲକ ଏବଂ ୧୬ ୱାର୍ଡବିଶିଷ୍ଟ ଏନ୍ଏସିର ଅଧିକାଂଶ ପରିବାର କୃଷି ଉପରେ ନିର୍ଭରଶୀଳ। ହିନ୍ଦୋଳ ସଦରରେ


ହିନ୍ଦୋଳ ବ୍ଲକ କୃଷି କାର୍ଯ୍ୟାଳୟ।

ଚାଷୀଙ୍କ ପରାମର୍ଶ ପାଇଁ କାର୍ଯ୍ୟାଳୟ ରହିଛି। ଚାଷଜନିତ ସମସ୍ୟାର ସମାଧାନ କରିବା ପାଇଁ ଏଠାରେ କାର୍ଯ୍ୟ କରୁଛନ୍ତି କୃଷି ଅଧିକାରୀ, ସରକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ। ଏଥିସହ କୃଷି ଯୋଜନାର ସଫଳ ରୂପାୟନ ପାଇଁ କ୍ଷେତ୍ରସ୍ତରରେ ୧୦ ଭିଏଡବ୍ଲ୍ୟୁ ଏବଂ କୃଷକ ସାଥୀ ନିଯୁକ୍ତି ପାଇଛନ୍ତି। ତେବେ ଅଧିକାଂଶ ସମୟରେ କାର୍ଯ୍ୟାଳୟରେ କାହାରି ଦେଖାମିଳୁନାହିଁ। ଅଫିସ୍‌ରେ ତାଲା ଝୁଲୁଛି। ତେଣୁ ଉଚିତ ପରାମର୍ଶ ନ ପାଇ ଚାଷୀ ବାଟବଣା ହେଉଥିବା ଅଭିଯୋଗ ହେଉଛି।

ଚାଷୀଙ୍କ କହିବା କଥା, ମରୁଡ଼ି କାରଣରୁ ଗତ ଖରିଫ୍ ଋତୁରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ପ୍ରିମିୟମ ପୈଠ ସତ୍ତ୍ୱେ ଫସଲ କ୍ଷତିଜନିତ ବୀମାଟଙ୍କା ଅଦ୍ୟାବଧି ମିଳିନାହିଁ। ଏ ନେଇ ବୀମା କମ୍ପାନୀ କୌଣସି ସ୍ପଷ୍ଟୀକରଣ ଦେଉନାହିଁ। କେନ୍ଦ୍ର ସରକାରଙ୍କ 'ପିଏମ୍-କିଷାନ' ଏବଂ ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ଶତାଧିକ ଅଣଚାଷୀ ସାମିଲ ହୋଇଛନ୍ତି। ତେଣୁ ପ୍ରକୃତ

- ରହୁନାହାନ୍ତି, ଅଧିକାରୀ, ମିଳୁନି ପରାମର୍ଶ
- ଚାଷୀଙ୍କ ନିକଟରେ ଯୋଜନା ଅପହଞ୍ଚ
- ଦିଆଯାଉନି ଫସଲ କ୍ଷତିଜନିତ ବୀମା ଟଙ୍କା

ହିତାଧିକାରୀଙ୍କ ପାଖରେ ସୁବିଧା ପହଞ୍ଚି ପାରୁନାହିଁ। ଉକ୍ତ ଯୋଜନାରେ ସାମିଲ ହୋଇଥିବା କେତେଜଣ ଚାଷୀ ପ୍ରଥମ, ଦ୍ୱିତୀୟ କିସ୍ତି ଟଙ୍କା ପାଇବା ପରେ ଜମାଖାତାକୁ ଅର୍ଥ ଆସୁନାହିଁ। ବିହନ ଓ କୃଷି ଉପକରଣ ବଣ୍ଟନରେ ପାତର ଅନ୍ତର କରାଯାଉଛି। ଅଧିକାରୀମାନେ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଚାଷୀଙ୍କ ସହିତ ସମ୍ପର୍କ ରଖୁ ନ ଥିବାରୁ ଉଚିତ ପରାମର୍ଶ ମିଳିପାରୁନାହିଁ। ଏହାର ସମାଧାନ ନିମନ୍ତେ ଚାଷୀମାନେ କୃଷି କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ୍ୟ ଅଧିକାରୀମାନେ ଅଣଦେଖା କରୁଛନ୍ତି। ତେଣୁ କୃଷକ କଲ୍ୟାଣ ଯୋଜନା ବାଟ ହୁଡ଼ିଥିବା ସେମାନେ କହିଛନ୍ତି। ତଳରୁ ଉପର ଯାଏ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରାଗଲେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମୁଖା ଖୋଲିବ ବୋଲି ଚାଷୀମାନେ ଦାବି କରିଛନ୍ତି।

### ଅଧିକାରୀଙ୍କ ଆନ୍ତରିକତା ଅଭାବ


"ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ କୃଷକ କଲ୍ୟାଣ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଅଧିକାରୀମାନେ ବାସ୍ତବ କ୍ଷେତ୍ରକୁ ଆସି ଧ୍ୟାନ ଦେଲେ ଯୋଜନା ସଫଳ ହୁଅନ୍ତା।

-ସୁଧୀର ମିଶ୍ର, କଳିଙ୍ଗା

### ପ୍ରକୃତ ଚାଷୀ ଚିହ୍ନଟରେ ବିଫଳ


"ସରକାରୀ ଯୋଜନାରେ ଆସୁଥିବା ଅନୁଦାନର ବ୍ୟାପକ ହରିଲୁଟ୍ ହେଉଛି। ପ୍ରକୃତ ଚାଷୀ କିଏ, ତାହା ଅଧିକାରୀ ଜାଣିପାରୁନାହାନ୍ତି। ତେଣୁ ସରକାରଙ୍କ ଚାଷ ଯୋଜନା ସଫଳ ହୋଇପାରୁନାହିଁ।

-ଶ୍ୟାମସୁନ୍ଦର ସାହୁ, ଭଗବାନପୁର

### ତଳୁ ଉପର ଯାଏ ମାଡ଼ିଛି ଦୁର୍ନୀତି


"ତଳସ୍ତରରୁ ଉପର ଯାଏ ସବୁଠୁ ଦୁର୍ନୀତିର ଚେର ମାଡ଼ିଛି। ଯୋଜନାର ବାସ୍ତବ ସମୀକ୍ଷା ହେଉନାହିଁ। ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ।

-ପଙ୍କଜ କୁମାର ପତି, ପଞ୍ଚପଡ଼ା

### ସଚେତନତାର ଅଭାବ ରହୁଛି


"ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳର ଚାଷୀ ଜାଣିପାରୁନାହାନ୍ତି। ସଚେତନତାର ଅଭାବ ରହୁଛି। ଚାଷୀ ଚିହ୍ନଟରେ ସ୍ୱଚ୍ଛତା ଅବଲମ୍ବନ କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା।

-ଭଜକିଶୋର ସାହୁ, ବାଘଧରିଆ

### ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ହିନ୍ଦୋଳ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ ପୂର୍ବରୁ ଅଭିଯୋଗ ଆସିଥିଲା। ଏହାପରେ ସେମାନଙ୍କୁ ଦୁଇଥର ତାଗିଦ୍ କରାଯାଇଛି। କାର୍ଯ୍ୟାଳୟରେ ଉପସ୍ଥିତ ରହିବା ଏବଂ ଚାଷୀଙ୍କ ସହିତ ସମ୍ପର୍କ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ଆଣିଥିବା ଅଭିଯୋଗର ଅନୁଧ୍ୟାନ କରାଯାଉଛି। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଅଂଶୁମାନ ପଟ୍ଟନାୟକ, ଜିଲା କୃଷି ଅଧିକାରୀ

## ସଂକ୍ଷେପରେ

### କ୍ରୀଡ଼ାବିତ୍ ପ୍ରକାଶଙ୍କୁ ୩ ରୌପ୍ୟ ପଦକ



ଅନୁଗୋଳ ଅଫିସ୍ , ୫।୫: ନୂଆଦିଲ୍ଲୀସ୍ଥିତ ତ୍ୟାଗରାଜ ଷ୍ଟାଡିୟମ୍‌ରେ ଆୟୋଜିତ ୨ୟ ଖେଲୋ ଇଣ୍ଡିଆ ମାଷ୍ଟର୍ସ ଗେମ୍‌ସରେ ଚମକିଛନ୍ତି ଅନୁଗୋଳ ଜିଲାର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ। ସେ ୧୦୦ ମିଟର, ୨୦୦ ମିଟର ଦୌଡ଼ ଏବଂ ଲମ୍ଫଡିଆଁରେ ୩ଟି ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଜାତୀୟସ୍ତରରେ ଜିଲାର ସୁନାମ ବଢ଼ାଇଥିବାରୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଚଳିତବର୍ଷ ନୂଆଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ପ୍ରକାଶ କଠିନ ଅଭ୍ୟାସ କରିଥିଲେ। ସେ ମାତ୍ର .୧ ମାଇକ୍ରୋ ସେକେଣ୍ଡ୍ ପାଇଁ ୧୦୦ ମିଟର ଏବଂ .୦୫ ମାଇକ୍ରୋ ସେକେଣ୍ଡ୍ ପାଇଁ ୨୦୦ ମିଟର ଦୌଡ଼ ବର୍ଗରେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ୍ ୩୦ରୁ ମେ ୩ ଯାଏ ଅନୁଷ୍ଠିତ ଏହି ଜାତୀୟସ୍ତରୀୟ ମେଗା ଇଭେଣ୍ଟର ବିଭିନ୍ନ ବର୍ଗରେ ପ୍ରାୟ ୩୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ।

### ଏପ୍ରିଲ ସାଇବର ଠକେଇ ରିପୋର୍ଟ
### ଭୁବନେଶ୍ୱରରୁ ଲୁଟିଛନ୍ତି ୭୬ ଲକ୍ଷ

ଭୁବନେଶ୍ୱର, ୫।୫ (ବ୍ୟୁରୋ): ସାଇବର ଠକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଲୋକେ ସଚେତନ ହେଉ ନ ଥିବାରୁ ସାଇବର ଠକଙ୍କ ଜାଲରେ ପଡି ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଭୁବନେଶ୍ୱର ସାଇବର କ୍ରାଇମ ହେଲ୍ପ ଡେସ୍କ ପକ୍ଷରୁ ଗୁରୁବାର ମିଳିଥିବା ରିପୋର୍ଟ ଅନୁସାରେ, ଏପ୍ରିଲରେ ଭୁବନେଶ୍ୱର ସହରାଞ୍ଚଳ ଜିଲାରୁ ମୋଟ ୭୬ ଲକ୍ଷ ୫୫ ହଜାର ୬୬୧ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଏଥିରୁ ମାତ୍ର ୯ ଲକ୍ଷ ୬୯ ହଜାର ୫୬୩ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ଏହାସହ ୧ ଲକ୍ଷ ୩୧ ହଜାର ୫୬୬ ଟଙ୍କା ବ୍ଲକ କରାଯାଇଛି। ଉକ୍ତ ମାସରେ ହେଲ୍ପ ଡେସ୍କକୁ ସାରା ଓଡିଶାରୁ ୩୧୩ କଲ ଆସିଥିବାବେଳେ କେବଳ ଭୁବନେଶ୍ୱରରୁ ୨୬୧ ଅଭିଯୋଗ ରହିଛି ଓ ଅନ୍ୟାନ୍ୟ ଜିଲାରୁ ମାତ୍ର ୫୨ କଲ୍ ଆସିଛି। ରାଜଧାନୀରୁ ୧୧୪ଟି ୟୁପିଆଇ ଫ୍ରଡ୍ ଓ ୭୪ କ୍ରେଡିଟ ଓ ଡେବିଟ କାର୍ଡ ଫ୍ରଡ୍ ସମ୍ବନ୍ଧିତ ଅଭିଯୋଗ ରହିଛି। ଏଥିସହ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଠକାମିର ଶିକାର ହୋଇଥିବା ୩୨ ଜଣଙ୍କର ସଂପୂର୍ଣ୍ଣ ଓ ଆଂଶିକ ଅର୍ଥରାଶି ଫେରସ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ବିପଦରେ ବନ୍ୟଜୀବନ

ଢେଙ୍କାନାଳ ଅଫିସ୍, ୫।୫

କପିଳାସ ଅଭୟାରଣ୍ୟ। ଏକଦା ଏହି ସଂରକ୍ଷିତ ଜଙ୍ଗଲ ଭର୍ତ୍ତି ହୋଇଥିଲା ନଭଶ୍ଚୁମ୍ବୀ ଦ୍ରୁମରେ। ପଡୁ ନ ଥିଲା ସୂର୍ଯ୍ୟକିରଣ। ଏଠାକାର ଥଣ୍ଡା ପରିବେଶ ପାଲଟିଥିଲା ବନ୍ୟପ୍ରାଣୀଙ୍କ ପାଇଁ ଭୂସ୍ୱର୍ଗ। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଯାଏ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠୁଥିଲା ସମଗ୍ର ଅଞ୍ଚଳ। ହେଲେ ଏବେ ଶିରୀ ହରାଇବାରେ ଲାଗିଛି ଏହି ଅଭୟାରଣ୍ୟ। ପତ୍ରଝଡ଼ା ସମୟରେ ବନାଗ୍ନି ମୂଲ୍ୟବାନ ବୃକ୍ଷରାଜିକୁ ଭୟଙ୍କର କ୍ଷତି ପହଞ୍ଚାଉଥିବାବେଳେ ଉଜୁଡ଼ା ଜଙ୍ଗଲ ପାଇଁ ଉତ୍ତପ୍ତ ହେବାରେ ଲାଗିଛି ପରିବେଶ। ଢେଙ୍କାନାଳ ଜିଲାର ଫୁସ୍‌ଫୁସ୍ ଭାବେ ପରିଚିତ ଉକ୍ତ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆ ନ ଗଲେ ଏହା ନିକଟ ଅତୀତରେ ବୁମେରାଂ ସାବ୍ୟସ୍ତ ହେବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି।

କପିଳାସ ଅଭୟାରଣ୍ୟର ସୀମା କଟକ ଏବଂ ଯାଜପୁର ଜିଲା ଯାଏ


ଜଙ୍ଗଲ ନିଆଁରେ କ୍ଷତିଗ୍ରସ୍ତ କପିଳାସ ଅଭୟାରଣ୍ୟ।

ଲମ୍ବିଛି। ୧୨୫.୫ ବର୍ଗ କିଲୋମିଟର ପରିଧି ବିଶିଷ୍ଟ ଏହି ବିଶାଳକାୟ ବନାଞ୍ଚଳକୁ ୨୦୧୧ରେ ମିଳିଥିଲା ଅଭୟାରଣ୍ୟ ମାନ୍ୟତା। ହାତୀ, କଲରାପତରିଆ, ହରିଣ, ସମ୍ବର, ବାର୍‌ହା, ଭାଲୁ, ଠେକୁଆ, ଝିଙ୍କ ସମେତ ଅହିରାଜ, ଅଜଗର ଭଳି ବିଭିନ୍ନ ପ୍ରଜାତିର ସରୀସୃପଙ୍କ ପ୍ରାକୃତିକ ଆବାସସ୍ଥଳୀ ପାଲଟିଛି ଏହି ବିସ୍ତୀର୍ଣ୍ଣ ଜଙ୍ଗଲ। ତେବେ ଅଭୟାରଣ୍ୟ ଘୋଷଣା ପରେ ଏହାର ସୁରକ୍ଷା ଦିଗରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବନ ବିଭାଗ ନିଜର ସ୍ୱଳ୍ପ କର୍ମଚାରୀଙ୍କୁ ନେଇ ସଂରକ୍ଷିତ ଜଙ୍ଗଲରେ ଅବାଧ ପ୍ରବେଶ ଏବଂ ଶିକାର ରୋକିବା ଲାଗି ଉଦ୍ୟମ ଜାରି ରହିଛି। ତେବେ ଜଙ୍ଗଲ ନିଆଁ ବ୍ୟାପିଲେ ଏହାକୁ ଆୟତ୍ତ କରିବା ଲାଗି ସଂଘର୍ଷ କରିବାକୁ ପଡୁଛି। ଚଳିତବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ମାର୍ଚ୍ଚରୁ ଅଭୟାରଣ୍ୟରେ ଥିବା ବଡ଼ବଡ଼ ଶାଳଗଛ ପତ୍ରଝଡ଼ା ଦେଇଥିଲା। ଶୁଖିଲା ପତ୍ରରେ ନିଆଁ ଲାଗି ଜଙ୍ଗଲର କିଛି ଅଂଶ ଜଳିଯାଇଛି। ଏହି କାରଣରୁ ଢେଙ୍କାନାଳ-

- ଜଙ୍ଗଲ ନିଆଁରେ ପ୍ରଭାବିତ କପିଳାସ ଅଭୟାରଣ୍ୟ
- ଶିରୀ ହରାଉଛି ସବୁଜିମାମୟ ପରିବେଶ
- ଉଜୁଡ଼ା ଜଙ୍ଗଲ ପାଇଁ ବୃଦ୍ଧି ପାଉଛି ଉତ୍ତାପ

କପିଳାସ ରାସ୍ତାର ଦତ୍ତାତ୍ରେୟ ସାଇ ଆଶ୍ରମ ନିକଟ ଡାହାଣ ପାର୍ଶ୍ୱ ଜଙ୍ଗଲ ଉଜୁଡ଼ିଯାଇଛି। ଏହାର ପ୍ରଭାବରେ ପରିବେଶ ପୂର୍ବାପେକ୍ଷା ଉତ୍ତପ୍ତ ରହୁଛି, ଯାହା ବନ୍ୟଜୀବନକୁ ପ୍ରଭାବିତ କରୁଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ସାଧାରଣତଃ ମାର୍ଚ୍ଚରେ ଅଭୟାରଣ୍ୟର ଶାଗୁଆନ ଗଛ ପତ୍ରଝଡ଼ା ଦେଇଥାନ୍ତି। ଶୁଖିଲା ପତ୍ରରେ ନିଆଁ ଲାଗିଯାଇଥାଏ। ଚଳିତବର୍ଷ ଦତ୍ତାତ୍ରେୟ ସାଇ ଆଶ୍ରମ ପରଠାରୁ ପ୍ରାୟ ୩-୪ ହେକ୍ଟର ଜଙ୍ଗଲରେ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଛି। ମେ' ମାସରେ ଗଛରେ ନୂଆଁପତ୍ର କଅଁଳିବ ବୋଲି ସେ ସୂଚନା ଦେଇଛନ୍ତି।

### ରାଜ୍ୟସ୍ତରୀୟ ଫ୍ଲଡ୍‌ଲାଇଟ୍ ଫୁଟ୍‌ବଲ
## ସୋନପୁର ସାଇ କ୍ଲବ ବିଜୟୀ

ଢେଙ୍କାନାଳ ଅଫିସ୍, ୫।୫

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୩ୟ ରାଜ୍ୟସ୍ତରୀୟ ଫ୍ଲଡ୍ ଲାଇଟ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ସୋନପୁର ସାଇ ଫୁଟ୍‌ବଲ୍ କ୍ଲବ ୧-୦ ଗୋଲ୍‌ରେ କଟକ ମା' ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ସୋନପୁର ଦଳ ଚମତ୍କାର ଢଙ୍ଗରେ ଗୋଟିଏ ଗୋଲ୍ ଦେଇ ବିଜୟୀ ହୋଇଥିଲା। ଦ୍ୱିତୀୟ ଦିବସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖ୍ୟାତନାମା ଶିଳ୍ପପତି ହର୍ଷବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ରାଜ୍ୟ କ୍ରୀଡ଼ା ଅଧିକାରୀ ଗିରିଜାକାନ୍ତ ମହାନ୍ତି, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଟୁର୍ନାମେଣ୍ଟ ୧୦ ତାରିଖରେ ଉଦ୍‌ଯାପିତ ହେବ।

# ଶପଥ ନେଲେ ଶିକ୍ଷକ ସଂଘର କର୍ମକର୍ତ୍ତା

ଢେଙ୍କାନାଳ ଅଫିସ, ୫।୫

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମା' ସିଦ୍ଧ ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ଅନ୍ତର୍ଯ୍ୟାମୀ ନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଘ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ ଦାସ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ମନୋଜ ସାହୁ ଉପସ୍ଥିତ ଥିଲେ। ମହାସଚିବ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ତ୍ୟାଗ, ନୈତିକତା ଏବଂ ଶୃଙ୍ଖଳିତ ହୋଇ ଶିକ୍ଷାଦାନ କରିବାକୁ ଅତିଥିମାନେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପୁରୁଣା ପେନ୍‌ସନ୍ ଓ ଅବିକଳ କେନ୍ଦ୍ରୀୟ ବେତନ ପାଇଁ ଆନ୍ଦୋଳନ ତୀବ୍ର କରିବାକୁ ମହାସଚିବ ଆହ୍ୱାନ ଦେଇଛନ୍ତି। ନବନିର୍ବାଚିତ ସଭାପତି ସୁଧୀର ମିଶ୍ର, ସାଧାରଣ ସମ୍ପାଦକ ସଚିନ ନାୟକ, ସଙ୍ଗଠନ ସମ୍ପାଦକ ବୈରାଗୀ ଚରଣ ସେଠୀ ସଂଘକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯାଜପୁର ଜିଲା ଶିକ୍ଷକ ସଂଘର ସଙ୍ଗଠନ ସମ୍ପାଦକ ବଳରାମ ରଣା, ବଡ଼ଚଣା ବ୍ଲକ ସଂଯୋଜକ ଜଗଦୀଶ ପୃଷ୍ଟି, ଓଡ଼ାପଡ଼ା ବ୍ଲକ ସଭାପତି ବିଭୂତି ଭୂଷଣ ଦାସ, ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ଅଜିତ ନାୟକ, ସଦର ବ୍ଲକ ସଭାପତି ଅସିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

# ଆଶ୍ୱସ୍ତି ଆଣିଲା ଅଦିନିଆ ବର୍ଷା

- କାଳବୈଶାଖୀ ପ୍ରଭାବରେ ୨ ଘଣ୍ଟା ଛେଚିଲା
- ଉପୁଡ଼ିଲା ଗଛ, ଉଡ଼ିଲା ଆଜବେଷ୍ଟସ୍

ଢେଙ୍କାନାଳ ଅଫିସ, ୫।୫

ପାଖାପାଖି ୧୫ଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଆଉଟୁପାଉଟୁ ହେଉଥିବା ଢେଙ୍କାନାଳ ଜିଲାବାସୀଙ୍କୁ ଗୁରୁବାର ମିଳିଛି ସାମାନ୍ୟ ଆଶ୍ୱସ୍ତି। କାଳବୈଶାଖୀ ପ୍ରଭାବରେ ଅପରାହ୍ନରେ ପ୍ରାୟ ୩ଘଣ୍ଟା ଧରି ହୋଇଥିବା ପ୍ରବଳ ଝଡ଼ବର୍ଷା ପରିବେଶକୁ ଶୀତଳ କରିଛି। ତା'ସାଙ୍ଗକୁ ତାପମାତ୍ରାରେ ମଧ୍ୟ ହ୍ରାସ ଘଟିଛି।

ଢେଙ୍କାନାଳ ସହରରେ ସକାଳୁ ପାଗ ମେଘୁଆ ରହିଥିଲା। ଦିନର ସର୍ବୋଚ୍ଚ ତାପମାତ୍ରା ୩୮.୧ ଡିଗ୍ରୀରେ ସୀମିତ ରହିଥିଲା। ତେବେ ଅପରାହ୍ନ ୪ଟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ପାଗ ବଦଳିଥିଲା। ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ପ୍ରାୟ ଦୁଇଘଣ୍ଟା ଧରି ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ତୋଫାନ ହୋଇଥିଲା।


ଢେଙ୍କାନାଳ ପାଣିଓହଳା ପାହାଡ଼ ଉପରେ ବିଜୁଳିର ଚମକ।

ଏହାର ପ୍ରଭାବରେ ତାପମାତ୍ରା ସହିତ ଗୁଳୁଗୁଳି ହ୍ରାସ ପାଇଛି। ଗରମ ପବନରେ ସନ୍ତୁଳି ହେଉଥିବା ସହରବାସୀଙ୍କୁ ଆଶ୍ୱସ୍ତି ମିଳିଛି।

ତେବେ ଝଡ଼ବର୍ଷାରେ କୁଞ୍ଜକାନ୍ତ, ବାଜିଚୌକ ସମେତ ବିଭିନ୍ନ ସ୍ଥାନରେ ଗଛଡ଼ାଳ ଭାଙ୍ଗିପଡ଼ିଛି। ଗଛ ମଧ୍ୟ ଉପୁଡ଼ିଛି। କେତେକ ସ୍ଥାନରେ ଆଜ୍‌ବେଷ୍ଟସ୍, ଟିଣଛପର ଏବଂ ଚାଳଘର ଭାଙ୍ଗିଯାଇଛି। ତେବେ ବଡ଼ ଧରଣର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅପରପକ୍ଷେ ଝଡ଼ବର୍ଷା ଯୋଗୁ ଦୀର୍ଘ ୩ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ବର୍ଷା କମିବା ପରେ ଏହା ସ୍ୱାଭାବିକ ହୋଇଛି। ସେହିପରି ଭୁବନ, କାମାକ୍ଷାନଗର, କଙ୍କଡ଼ାହାଡ଼ ସମେତ ଜିଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି।

## ଗଛ ଡାଳ ଭାଙ୍ଗି ମହିଳା ଗୁରୁତର

ଭୁବନ, ୫।୫ (ଡି.ଏନ୍.ଏ.)


ଗୁରୁତର ଶାନ୍ତିଲତା।

କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡ଼ରେ ବରଗଛ ଡାଳ ଭାଙ୍ଗି ଘର ଉପରେ ପଡ଼ିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏଥିରେ ତାଙ୍କ ସ୍ୱାମୀ ସାମାନ୍ୟ ଆହତ ହୋଇଛନ୍ତି। ଢେଙ୍କାନାଳ ଜିଲା ଭୁବନ ଥାନା ମାର୍ଥାପୁର ଗ୍ରାମ ଶବର ସାହିରେ ଗୁରୁବାର ଅପରାହ୍ନରେ ଘଟିଛି ଏହି ଅଘଟଣ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଗୋବର୍ଦ୍ଧନ ବାରିକ ଏବଂ ତାଙ୍କ ସ୍ତ୍ରୀ ଶାନ୍ତିଲତା ଘରେ ଥିବାବେଳେ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ପ୍ରବଳ ବେଗରେ ପବନ ସାଙ୍ଗକୁ ଝଡ଼ବର୍ଷା ହୋଇଥିଲା। ଘର ନିକଟରେ ଥିବା ଏକ ବରଗଛର ବଡ଼ ଡାଳଟିଏ ଭାଙ୍ଗି ଗୋବର୍ଦ୍ଧନଙ୍କ ଘର ଉପରେ ପଡ଼ିଥିଲା। ଏଥିରେ ସେ ଆହତ ହୋଇଥିବାବେଳେ ଶାନ୍ତିଲତାଙ୍କୁ ଦୁଇଗୋଡ଼ ଭାଙ୍ଗିଯାଇଛି। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ ମାର୍ଥାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

ସେହିପରି ତୋଫାନରେ ବିଭିନ୍ନ ସ୍ଥାନରେ ଗଛପତ୍ର ଭାଙ୍ଗି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ବହୁ ସଂଖ୍ୟାରେ ଛପର ଘର କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ କରିବା ଲାଗି ବିଭାଗୀୟ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଆରମ୍ଭ କରିଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ମନ୍ଦିର ପୋଖରୀ ସଫେଇ କଲେ ଯୁବ ଗୋଷ୍ଠୀ

**ଛେଣ୍ଡିପଦା,୫।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ଗ୍ରାମର ବାଣେଶ୍ୱର ମନ୍ଦିରକୁ ଲାଗିରହିଥିବା ପୋଖରୀକୁ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ସଫେଇ କରାଯାଇଛି। ଆସନ୍ତା ୧୬ ତାରିଖରେ ଖମାର ଗ୍ରାମରେ ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି ଚନ୍ଦନ ଯାତ୍ରାରେ ରାଧାକୃଷ୍ଣଙ୍କ ପ୍ରତିମାକୁ ନିଆଯାଇ ମନ୍ଦିର ପୋଖରୀରେ ଚାପ ଖେଳାଯିବ।



ଏହି ପୋଖରୀର ଚତୁଃପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେବା ସହିତ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଏ ନେଇ ବରସାହି ସରପଞ୍ଚଙ୍କ କ୍ଷୀରୋଦିନୀ ବେହେରାଙ୍କ ନେତୃତ୍ୱରେ ଗ୍ରାମର ବହୁ ଯୁବ ଗୋଷ୍ଠୀ ଯୋଗଦେଇ ମନ୍ଦିର ପୋଖରିରେ ପଡିରହିଥିବା ବିଭିନ୍ନ ଆବର୍ଜନା ସଫା କରିଥିଲେ। ମହାମାରୀ ପାଇଁ ୨ବର୍ଷ ହେବ ଯାତ୍ରା ବନ୍ଦଥିବା ବେଳେ ଦୀର୍ଘଦିନ ହେବ ପୋଖରୀ ସଫା କରାଯାଇ ନ ଥିଲା।

### ଚୋରା ପଥର ସହ ହାଇୱା ଜବତ




**ବଇଣ୍ଡା,୫।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ଗାଁ ବଇଣ୍ଡା ନିକଟରେ ଗୁରୁବାର ବଇଣ୍ଡା ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଚୋରା ପଥର ବୋଝେଇ ହାଇୱା ଜବତ କରାଯାଇଛି। ଘଟଣାରୁ ଜଣାପଡିଛି, ହାଇୱା ନଂ. (ଓଆର-୧୯ଇ ୨୪୨୩) ଯୋଗେ ସାନହୁଲା ନିକଟରେ ଥିବା ପାହାଡରୁ ଚୋରାରେ ପଥର ଅନୁଗୋଳ ଅଭିମୁଖେ ଚାଲାଣ ହେଉଥିବାବେଳେ ବିଶ୍ୱସ୍ତସୂତ୍ରରୁ କିଶୋରନଗର ତହସିଲଦାର ସୂଚନା ପାଇଥିଲେ। ପରେ ବଇଣ୍ଡା ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିକଳ ପ୍ରଧାନଙ୍କ ସହ ବଇଣ୍ଡା ଫାଣ୍ଡି ପୋଲିସ ଚଢାଉ କରି ଗାଡ଼ି ଜବତ କରିଥିଲେ। ସାନହୁଲା ଅଞ୍ଚଳରୁ କିଛିଦିନ ହେବ ବେଆଇନ ଭାବେ ପଥର ଚାଲାଣ ହେଉଥିବା ପୂର୍ବରୁ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା।

# କୃଷିନୀତିରେ ପରିବର୍ତ୍ତନ ଯୋଜନା



- ଖରିଫରେ ପୂର୍ବାପେକ୍ଷା ଅଧିକ ଜମିରେ ଅଣଧାନ ଚାଷ
- ବଦଳୁଥିବା ପାଣିପାଗ ଯୋଗୁ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେଉନି
- ଜିଲାସ୍ତରୀୟ ଷ୍ଟ୍ରାଟେଜି କମିଟିରେ କରାଯିବ ଆଲୋଚନା

**ଅନୁଗୋଳ ଅଫିସ, ୫।୫**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଚାଷ ଉପରେ ପଡୁଛି। ଏଥିଯୋଗୁ କିଛି ବର୍ଷ ହେଲା ଖରିଫ ଋତୁରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏପରିକି ଫସଲ ଅମଳରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ବଦଳୁଥିବା ପାଣିପାଗକୁ ନେଇ ଚାଷୀଙ୍କ ଚିନ୍ତା ବଢୁଥିବାବେଳେ ଏହାର ମୁକାବିଲା ନିମନ୍ତେ କୃଷିନୀତିରେ କିଛିଟା ପରିବର୍ତ୍ତନ ଯୋଜନା କରୁଛି ଅନୁଗୋଳ ଜିଲା କୃଷି ବିଭାଗ। ଚଳିତ ଖରିଫ ଋତୁରେ ପୂର୍ବାପେକ୍ଷା ଅଧିକ ଜମିରେ ଅଣଧାନ ଚାଷ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଏ ନେଇ ଜିଲାସ୍ତରୀୟ ଷ୍ଟ୍ରାଟେଜି କମିଟିରେ ଆଲୋଚନା ପରେ ଯୋଜନା ଆଗକୁ ବଢ଼ିବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ୨୦୨୧-୨୨ ଖରିଫ ଋତୁରେ ୮୬ ହଜାର ହେକ୍ଟର ଜମିରେ ଫସଲ ଅମଳ କରିବାକୁ ଅନୁଗୋଳ ଜିଲା କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ନିଅଣ୍ଟିଆ ବର୍ଷା କାରଣରୁ ୨୨ ହଜାର ହେକ୍ଟର ଜମି ପଡ଼ିଆ ରହିଗଲା। ଯେଉଁମାନେ ଖାଲୁଆ ଜମିରେ ଫସଲ କରିଥିଲେ, ସେମାନେ ମଧ୍ୟ ଆଶାନୁରୂପ ଫସଲ ପାଇପାରି ନ ଥିଲେ। ଯେଉଁ କେତେକ ସ୍ଥାନରେ ବିଳମ୍ବରେ ଧାନ ବେଉଷଣ ହୋଇଥିଲା, ସେହି ଫସଲକୁ ବିଳମ୍ବିତ ବର୍ଷା ସୁହାଇଥିଲା। ତଥାପି ଧାନ ଅମଳ ଧାର୍ଯ୍ୟଲକ୍ଷ୍ୟ ଛୁଇଁପାରି ନ ଥିଲା। ତେଣୁ ବିଗତ କିଛି ବର୍ଷର ପାଣିପାଗକୁ ଲକ୍ଷ୍ୟ କରି ଜିଲା କୃଷି ବିଭାଗ ପକ୍ଷରୁ ଚଳିତ ଖରିଫ କୃଷିନୀତିରେ ପରିବର୍ତ୍ତନ ଅଣାଯିବାର ଯୋଜନା କରାଯାଇଛି। ଏହି ସମୟରେ ଧାନଚାଷ ସହ ଅଣ ଖରିଫ ଫସଲ କରିବାକୁ ବିଭାଗ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଉଛି। ଏ ନେଇ ଜିଲାସ୍ତରୀୟ ଷ୍ଟ୍ରାଟେଜି କମିଟିରେ ଆଲୋଚନା କରାଯିବ। ଏହାପରେ ଆସନ୍ତା ୧୧ ତାରିଖରେ ଝାଡ଼ସୁଗୁଡ଼ାରେ ହେବାକୁ ଥିବା ଜୋନାଲସ୍ତରୀୟ କମିଟିରେ ପ୍ରସ୍ତାବ ରଖାଯିବ। ପରେ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ। ସେଠାରୁ ଅନୁମୋଦନ ମିଳିଲେ ଜିଲାରେ ପାଖାପାଖି ୫ ହଜାର ହେକ୍ଟର ଖରିଫ ଚାଷ ଜମିରେ ଅଣ ଖରିଫ ଚାଷ କରାଯିବ। ତେବେ ଚଳିତବର୍ଷ ଠିକ୍ ସମୟରେ ମୌସୁମୀବାୟୁ ଆସିବ ଓ ବର୍ଷା ସ୍ୱାଭାବିକ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ଥିତି ବଦଳିଯିବାର ଅନେକ ନଜିର ରହିଛି। ତେଣୁ ଧାନରୁ ଅଣଧାନ ଚାଷକୁ ଯିବା ପାଇଁ ଚାଷୀମାନଙ୍କ ଏକ କର୍ମଶାଳା କରାଯିବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

### ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ହେବ



“ଗତବର୍ଷ ନିଅଣ୍ଟିଆ ବର୍ଷା କାରଣରୁ ଚାଷରେ ସମସ୍ୟା ଉପୁଜିଥିଲା। ଶେଷ ସମୟରେ ବର୍ଷା ମରୁଡ଼ି ପରିସ୍ଥିତିରୁ ମୁକ୍ତି ଦେଇଥିଲେ ମଧ ଫସଲ ଅମଳ ଧାର୍ଯ୍ୟ ଲକ୍ଷ୍ୟ ଛୁଇଁପାରି ନ ଥିଲା। ତେଣୁ ଚଳିତବର୍ଷ ଖରିଫ ଋତୁରେ ପୂର୍ବାପେକ୍ଷା କିଛି ଅଧିକ ଜମିରେ ଅଣଧାନ ଚାଷ ପାଇଁ ପ୍ରସ୍ତାବ ରଖାଯିବ। ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରାଯିବ।

-ଦେବରାଜ ମହାନ୍ତି, ଜିଲା ମୁଖ୍ୟ କୃଷି ଅଧିକାରୀ

### ପରିଶ୍ରମ ଅନୁଯାୟୀ ଫଳ ମିଳୁନି



“ଚାଷରେ ଯେପରି ପରିଶ୍ରମ ହେଉଛି, ସେହି ଅନୁସାରେ ଫଳ ମିଳୁନାହିଁ। ଅମଳ ସମୟରେ ଜମିକୁ ଦେଖିଲେ ଦୁଃଖ ଲାଗୁଛି। କିନ୍ତୁ ଅନ୍ୟକିଛି ବିକଳ୍ପ ନ ଥିବାରୁ କ୍ଷତି ସହିବାକୁ ପଡୁଥିଲେ ମଧ ଖାଇବା ପାଇଁ ଚାଷ କରିବାକୁ ବାଧ ହେଉଛୁ।

-ନଟବର ସାହୁ,ଚାଷୀ

### ଚାଷ କରିବାକୁ ଭୟ ଲାଗୁଛି



“ଚାଷ କାର୍ଯ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଜୁଛି। କେତେବେଳେ ନିଅଣ୍ଟିଆ ବର୍ଷା ତ ପୁଣି କେବେ ଅମଳ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସ୍ଥିତି ଯୋଗୁ ଚାଷ କରିବାକୁ ଡର ଲାଗିଲାଣି।

-ପ୍ରଦୀପ କୁମାର ବିଶ୍ୱାଳ, ଚାଷୀ

### ଜଳସେଚନ ସମସ୍ୟା ଦୂର ହେଉନି



“ଜିଲାର ବିଭିନ୍ନ ସ୍ଥାନରେ ଜଳସେଚନ ସମସ୍ୟା ରହିଛି। ଖଣ୍ଡହତାରେ ବର୍ଷେ ହେବ ବନ୍ଧ ଭାଙ୍ଗିଥିଲେ ମଧ ମରାମତି କରାଯାଉନାହିଁ। ବଉଳି ନଦୀରେ ଚେକଡ୍ୟାମ୍ ହେଉନାହିଁ। ସମସ୍ୟା ଦୂର ହେଲେ ଚାଷ କାର୍ଯ୍ୟ ସୁଧୁରିବ।

-ଟିକନ ମାହାଳିକ, ଚାଷୀ

## ଦୁର୍ଘଟଣାରେ ୫ ବରଯାତ୍ରୀ ଗୁରୁତର

**ଛେଣ୍ଡିପଦା,୫।୫(ସ୍ୱ.ପ୍ର.)**

ଛେଣ୍ଡିପଦା ଅନୁଗୋଳ ୬୩ନଂ. ରାଜ୍ୟ ରାଜପଥର କୋଶଳା ଜଙ୍ଗଲ ନିକଟରେ ଗୁରୁବାର ଏକ ବରଯାତ୍ରୀ କାର ଗଛରେ ପିଟି ହେବାରୁ ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଣିହାଁ ଥାନା ବଡଗୁଣ୍ଡୁରୀ ଗ୍ରାମର ସୌମ୍ୟ ରଞ୍ଜନ ବେହେରା (୧୫), ଗଣ୍ଡମାଳ ଗ୍ରାମର ଅନିଲ କୁମାର ବେହେରା (୩୦), ଚନ୍ଦ୍ରବିଲ ଗ୍ରାମର ଦୁର୍ଯ୍ୟୋଧନ ସେଠୀ(୨୭), ବଡତ୍ରିବିଡା ଗ୍ରାମର ବିଜୟ ବେହେରା (୨୭) ଓ ସିପୁନ ଦେହୁରୀ। ଘଟଣାରୁ ପ୍ରକାଶ, କଣିହାଁ ଥାନା ବଡତ୍ରିବିଡା ଗ୍ରାମରୁ ବରଯାତ୍ରୀ ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତର ଜୟୀପଙ୍ଗା ଗ୍ରାମକୁ ଆସିଥିଲେ। ଭୋଜିଖାଇ ଅପରାହ୍ନ ୫ଟା ବେଳେ ସେମାନେ ଫେରୁଥିବା ସମୟରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ସ୍ଥାନୀୟ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଅନିଲ, ଦୁର୍ଯ୍ୟୋଧନ ଓ ଶିପୁନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



# ବିପର୍ଯ୍ୟୟର ମୁକାବିଲା ପାଇଁ ପରାମର୍ଶ

**ଅନୁଗୋଳ ଅଫିସ,୫।୫**

ଅନୁଗୋଳ ଜିଲାର ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଜନମଙ୍ଗଳ କାର୍ଯ୍ୟର ଠିକ୍ କାର୍ଯ୍ୟକାରିତାକୁ ନେଇ କାର୍ଯ୍ୟକାରୀ ହେଉଥିବା ଆଇନ୍ ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ଠିକ୍ ମୁକାବିଲା ନିମନ୍ତେ ଗଠିତ ଦଳଗୁଡ଼ିକର ଭୂମିକା, କାରାଖାନା ଓ ବାଷ୍ପିତ୍ର ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆଇନ ନେଇ ଜିଲାପାଳ ସମୀକ୍ଷା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଅନୁଗୋଳ ଜିଲାର ସଙ୍କଟପ୍ରବଣ କାରଖାନାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କାରଖାନା ଓ ବାଷ୍ପିତ୍ର ବିଭାଗର ଅନୁଗୋଳ ମଣ୍ଡଳ ସହନିର୍ଦ୍ଦେଶିକା ଅର୍ଚ୍ଚନା ଦାସ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଉପ ନିର୍ଦ୍ଦେଶକ ଅବନୀକାନ୍ତ ନାୟକ କାରଖାନାଗୁଡ଼ିକ ସମ୍ପର୍କରେ ଧାରଣା ଦେଇଥିଲେ। ଆପତକାଳୀନ ସମୟରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟର ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ପାଇଁ ଗୋଟିଏ ଆପାତକାଳୀନ ଯାନର ବ୍ୟବସ୍ଥା ସହ ଏକ ଆପାତକାଳୀନ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ କାରଖାନାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ‘ଜଗନ୍ନାଥ ବାଟିକା’ ଉଦ୍‌ଘାଟିତ

**ତାଳଚେର,୫।୫(ନି.ପ୍ର.)**

ତାଳଚେରସ୍ଥିତ ସିଜିଏମ୍ କମ୍ପ୍ଲେକ୍ସ କଲୋନୀଠାରେ ଶିଶୁ ଉଦ୍ୟାନ ଜଗନ୍ନାଥ ବାଟିକା ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ପି.ବି. ରେଡ୍ଡି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ, ଶଙ୍କର ପ୍ରସାଦ ବେହେରା, ବିଶ୍ୱନାଥ ବେହେରା, ଡି. ସାହୁ ଓ ବରିଷ୍ଠ ପଦାଧିକାରୀଗଣ ଉପସ୍ଥିତ ଥିଲେ। ପ୍ରାକୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ବର୍ଦ୍ଧିତ ସହରରେ ସବୁଜିମା ସୃଷ୍ଟି କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ପରିବେଶର ଗୁଣବତାକୁ ଯଥେଷ୍ଟ ଉନ୍ନତି କରିବାରେ ଏହା ସହାୟକ ହୋଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**ଛେଣ୍ଡିପଦା,୫।୫(ସ୍ୱ.ପ୍ର.)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଜିନ୍ଦଲ କମ୍ପାନୀ ମ୍ୟାଟେରିଆଲ ଫାଟକ ସମ୍ମୁଖରୁ ମହିତଳା ଛକ ପର୍ଯ୍ୟନ୍ତ ବେଆଇନ ଭାବେ ନିର୍ମାଣ ହୋଇଥିବା ଦୋକାନ ଘରଗୁଡ଼ିକୁ ଗୁରୁବାର ଉଚ୍ଛେଦ କରାଯାଇଛି। କିଛି ବର୍ଷ ହେବ ଏଠାରେ ଚା, ଜଳଖିଆ, ପରିବା, ପାନ ଦୋକାନ ଆଦି କରାଯାଇ ବ୍ୟବସାୟ ଚାଲିଥିଲା। ହେଲେ ଏଥିଯୋଗୁ ରାଜପଥ ଅବରୋଧ ହେଉଥିଲା। ଫଳରେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲା। ପ୍ରତିବାଦରେ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରୁଥିଲେ। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ମାଜିଷ୍ଟ୍ରେଟ ତଥା ଅନୁଗୋଳ ତହସିଲର, ଅତିରିକ୍ତ ତହସିଲଦାର ସୁଶାନ୍ତ ସିଂଙ୍କ ଉପସ୍ଥିତିରେ ରାଜପଥ ପାର୍ଶ୍ୱରୁ ବେଆଇନ ଭାବେ ହୋଇଥିବା ପ୍ରାୟ ୨୦ଟି ଦୋକାନ ଘର ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଧନେଶ୍ୱର ମହାପାତ୍ର, ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଓ ପୋଲିସ ଫୋର୍ସ ଉପସ୍ଥିତ ରହି ସହଯୋଗ କରିଥିଲେ।




ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା

**ତାଳଚେର,୫।୫(ନି.ପ୍ର.)**

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଗଣ୍ଡବେରଣା ଗ୍ରାମର ୪ ଅଗ୍ନି ବିପନ୍ନ ପରିବାରଙ୍କୁ ତାଳଚେରର ସାମାଜିକ କର୍ମୀ ବିଭୂତି ସାହୁ ସହାୟତା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର କୁବେର ବେହେରା, ପ୍ରତାପ ବେହେରା, ଅକ୍ଷୟ ବେହେରା ଓ ସୁବର୍ଣ୍ଣ ବେହେରାଙ୍କ ୭ ବଖରା ପୋଡ଼ି ଯାଇଥିଲା। ଖବରପାଇ ସାମାଜିକ କର୍ମୀ ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏସ. ବେହେରା, ଦୁଃଖବନ୍ଧୁ ଭୂତିଆ, ରାଜୀବ ଦାସ, ବିଜୟ କୁମାର ବେହେରା, ଶିଖର ନାଏକ, ବଳଭଦ୍ର ନାଏକ, ଶିପୁନ ସାହୁ, ଅଥାନୀ ନାଏକ, ଅମର ନାଏକ ପ୍ରମୁଖଙ୍କ ସହଯୋଗରେ ଅଗ୍ନିବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ଏବଂ ଜରିପାଲ ପ୍ରଦାନ କରିଥିଲେ। ଏଥିସହ ସରକାରୀ ଅବା ବେସରକାରୀ ସ୍ତରରେ ସମସ୍ତେ ଆଗେଇ ଆସି ଏହି ଅଗ୍ନିବିପନ୍ନ ପରିବାରଙ୍କୁ ସହାଯ୍ୟ, ସହଯୋଗ କରିବାକୁ ସାହୁ ଅନୁରୋଧ କରିଛନ୍ତି।



ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଟ୍ୟାଙ୍କର ଯୋଗେ ଜଳଯୋଗାଣ ଦାବି

**ଅନୁଗୋଳ ଅଫିସ, ୫।୫**

ଅନୁଗୋଳ ଜିଲା ତାଳଚେର ବ୍ଲକ ୨୦ ନଂ. ଜିଲା ପରିଷଦ ଜୋନ୍‌ରେ ପାନୀୟ ଜଳାଭାବ ଦେଖାଦେଇଛି। ତେଣୁ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ୨୦ ନଂ ଜୋନ ଜିଲାପରିଷଦ ସଦସ୍ୟା ସୁଶ୍ରୀ ରିତରାଣୀ ଦାସ ଗୁରୁବାର ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସଦସ୍ୟା ଦାସ ଦର୍ଶାଇଛନ୍ତି, ୨୦ନଂ. ଜୋନ୍‌ର ଗୋବରା, ଶିକମୁଣ୍ଡାସାହି, ଢିପସାହି, କରଡ଼ାପଲ୍ଲି, ମିନା ବଜାର, ପ୍ରଗତି ନଗର, ଡେଣ୍ଟୁଲେଇ ପଞ୍ଚାୟତ, ଡେଣ୍ଟୁଲେଇ ହଉସିଂ ବୋର୍ଡ କଲୋନୀ, ଭଞ୍ଜ କଲୋନୀ, ମାଟିଗାଡ଼ିଆସାହି, ବିଦ୍ୟୁତ୍ କଲୋନୀ, ଜଗନ୍ନାଥପୁର ପଞ୍ଚାୟତର ଡେହେରାନପୁର ନୂଆସାହି, ସ୍କଟଲ୍ୟାଣ୍ଡପୁର, କେନାଲସାହି, ମୁଣ୍ଡାବଜାର, ଅଭିମନ୍ୟୁପୁରସାହି ଓ ଜଗନ୍ନାଥପୁର ଗ୍ରାମରେ ଘୋର ଜଳ ସଙ୍କଟ ସୃଷ୍ଟି ହୋଇଛି। ଦୀର୍ଘ ୨ ମାସ ହେଲା ତାଳଚେର ଉପଜିଲାପାଳ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ମୁଖ୍ୟ ନିର୍ବାହୀଯନ୍ତ୍ରୀ ଭାଗ ୧ ଓ ଭାଗ୨ର ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଲିଙ୍ଗରାଜ କ୍ଷେତ୍ର ଜିଏମ୍‌ଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ଯାହା କିଛି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଜିଲା ପରିଷଦ ସଦସ୍ୟା ଅନୁରୋଧ କରିଛନ୍ତି। ତୁରନ୍ତ ଜଳ ସମସ୍ୟା ଦୂର କରିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଜିଲା ପରିଷଦ ସଦସ୍ୟା।

# ୪୪ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ, ୫।୫**

ରୋଟାରି କ୍ଲବ ଅନୁଗୋଳ ରୟାଲ ଏବଂ ପାର୍ବତୀ ହିରୋର ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାର୍ବତୀ ହିରୋ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଡାକ୍ତର ଗୁରୁ ଚରଣ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିବା ସହ କ୍ଲବ ସଦସ୍ୟଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ ସଭାପତି ଅଶୋକ ମାଣ୍ଡୋଠିଆଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ସଫଳତାର ସହ ପରିଚାଳନାରେ ସମ୍ପାଦକ ଅମ୍ବିକା ପ୍ରସାଦ ସାହୁ ଏବଂ କ୍ଲବର ସମସ୍ତ ସଦସ୍ୟ, ରକ୍ତ ଭଣ୍ଡାର ଅଧିକାରୀ ଡା.ସତ୍ୟବ୍ରତ ପଟ୍ଟଯୋଶୀ, ପ୍ରଫୁଲ୍ଲ କୁମାର ଦାସ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।




ଶିବିରରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

# ବିକାଶ, ବିଭିନ୍ନ ସମସ୍ୟାର ସମୀକ୍ଷା

**ଅନୁଗୋଳ ଅଫିସ,୫।୫**

ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଙ୍ଗୁଲା-ବେଣ୍ଟପୁର ପଞ୍ଚାୟତର ପଦ୍ମପାଦ ମଠଠାରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଉପସ୍ଥିତିରେ ନାଲ୍‌କୋ ପାରିପାର୍ଶିକ ଅଞ୍ଚଳ ଗ୍ରାମ ଗୁଡିକରେ ସିଏସ୍‌ଆର୍ ପାଣ୍ଠି ଦ୍ୱାରା ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ ବିଭିନ୍ନ ସମସ୍ୟା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସାହୁ ଯୋଗଦେଇ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ବିକାଶ ପାଇଁ ନାଲ୍‌କୋର ଦାୟିତ୍ୱ ଓ ଅଞ୍ଚଳବାସୀଙ୍କ ଅଧିକାର ସମ୍ପର୍କରେ ସୂଚନା ଦେଇଥିଲେ। ଯୁବ ବିଜେଡି ଜିଲା ସଭାପତି ପ୍ରଧାନ ଠିକା ସଂସ୍ଥା ଗୁଡିକରେ ସ୍ଥାନୀୟ କୁଶଳୀ, ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଯୁବକମାନଙ୍କୁ ନିଯୁକ୍ତି ସହ କୃଷକ ଓ ଗ୍ରାମର ମହିଳାମାନଙ୍କୁ ପ୍ରୋତ୍ସାହନ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦାବି ଉପସ୍ଥାପନା କରିଥିଲେ। ଏହି ବୈଠକରେ ବଣ୍ଟାଁରପାଳ ବ୍ଲକର ବନ୍ଧା ଓ ତୁଳସୀପାଳ ପଞ୍ଚାୟତ, ଅନୁଗୋଳ ବ୍ଲକର କାଙ୍ଗୁଲା ବେଣ୍ଟପୁର, ସୁଶୁଡା ଓ କାଣ୍ଡଶର ପଞ୍ଚାୟତର ନେତୃମଣ୍ଡଳୀ ଓ ଜନସାଧାରଣ ସାମିଲ ହୋଇ ସମସ୍ୟା ଉପସ୍ଥାପନ କରିଥିଲେ। ଆସନ୍ତା ୧୫ ତାରିଖ ମଧ୍ୟରେ ଏମ୍‌ପି ଜିଲା ପ୍ରଶାସନ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହିତ ଯଥାଶୀଘ୍ର ପାରିପାର୍ଶ୍ୱିକ ଗ୍ରାମଗୁଡିକର ଶିକ୍ଷାନୁଷ୍ଠାନ, ପାନୀୟଜଳ, ଗମନାଗମନ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବେ। ୨୫ ତାରିଖ ଭିତରେ ଯଦି କିଛି କିଛି ସମସ୍ୟାର ସମାଧାନ କରାନଯାଏ ତା’ହେଲେ ନାଲ୍‌କୋ ସମ୍ମୁଖରେ ଆନ୍ଦୋଳନ କରାଯିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଏମ୍‌ପି ସୂଚନା ଦେଇଥିଲେ। ସମିତିସଭ୍ୟ ଦୁଷ୍ମନ୍ତ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ ଓ ପୂର୍ଣ୍ଣଚନ୍ଦ୍ର ରାଉତ, ବନ୍ଧା ସମିତିସଭ୍ୟ ଦୁଷ୍ମନ୍ତ ଗଡନାୟକ, କାଙ୍ଗୁଲା ବେଣ୍ଟପୁର ସରପଞ୍ଚ ଅର୍ଚ୍ଚନା ସେଠୀ, ନାଏବ ସରପଞ୍ଚ ମନୋରଞ୍ଜନ ତ୍ରୀପାଠୀ, ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ଭୋଇ, ନରେନ୍ଦ୍ର ବେହେରା, ବେଣ୍ଟପୁର ଗ୍ରାମ ସଭାପତି ଅମୀୟ ରଥ, ଆଦିତ୍ୟ ପ୍ରଶାଦ ମିଶ୍ର, ଜିତେନ୍ଦ୍ର ନାଏକ ସାମିଲ ହୋଇଥିଲେ।



ବୈଠକରେ ଏମ୍‌ପିଙ୍କ ସମେତ ଗ୍ରାମବାସୀ ଓ ଅନ୍ୟ ନେତୃମଣ୍ଡଳୀ।

